## ଧାର ଟଙ୍କାକୁ ନେଇ ଛୁରାମାଡ଼

**ଯୋଡ଼ା,(ମାନସ ମହାନ୍ତି):** କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଭୂୟାଁ ବସ୍ତିରେ ଧାର ଟଙ୍କାକୁ ନେଇ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଉକ୍ତ ବସ୍ତିରେ ରହୁଥିବା ମନୋରଞ୍ଜନ ଗୋପ ବସ୍ତିର ସୁରଜ ପାତ୍ରଙ୍କଠାରୁ ଦୁଇ ହଜାର ଟଙ୍କା ନେଇଥିଲେ। ଟଙ୍କା ସୁରଜଙ୍କୁ ଦେଇ ନ ଥିବାରୁ ତାଙ୍କ ଭାଇ ଶିବ ପାତ୍ର ରବିବାର ମନୋରଞ୍ଜନଙ୍କୁ ମାଗିବାରୁ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଶିବ ଉତ୍ତକ୍ଷିପ୍ତ ହୋଇ ମନୋରଞ୍ଜନଙ୍କୁ ଛୁରାମାଡ଼ କରିଥିଲେ। ମନୋରଞ୍ଜନ ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଏକ ମାମଲା (ନଂ.୩୪୩/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

**ସଂକ୍ଷେପରେ**

## ୭ ବଖରା ଜଳିଗଲା

ବନ୍ତ,୨୫।୧୨(ହରିନାରାୟଣ ମହାନ୍ତି): ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ବୋଡ଼କପାଟଣା ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟି ୩ ପରିବାରର ୭ ବଖରା ଘର ଜଳିଯାଇଛି। ଗ୍ରାମର ଲତିକା ସ୍ୱାଇଁ, ସରସ୍ୱତୀ ସ୍ୱାଇଁ ଓ ବାବାଜୀ ସ୍ୱାଇଁଙ୍କ ଘରେ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଆଗରପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ଓ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଅଗ୍ନିବିପନ୍ନ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ ଏବଂ ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ ପହଞ୍ଚି ଅଗ୍ନିବିପନ୍ନଙ୍କୁ ସମବେଦନା ଜଣାଇଥିବା ବେଳେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପ୍ରଦତ୍ତ ପଲିଥିନ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି।

# ଜଳପ୍ରପାତ ବୁଲିଲେ, ବୋଟିଂର ମଜାନେଲେ

- ବଡ଼ଦିନ ପାଇଁ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କ ଭିଡ଼
- ପତ୍ରଖଲି ବ୍ୟବହାର କରିବାକୁ ସଚେତନତା

କେନ୍ଦୁଝର,୨୫।୧୨(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ବଡ଼ଦିନ ଅବସରରେ କେନ୍ଦୁଝର ଜିଲାର ସମସ୍ତ ପର୍ଯ୍ୟଟନସ୍ଥଳରେ ଭିଡ଼ ଜମିଥିଲା। ବିଶେଷ କରି ପ୍ରସିଦ୍ଧ ସାନଘାଗରା ଓ ବଡ଼ଘାଗରା ଜଳପ୍ରପାତକୁ ବୁଲିବା, ଭୋଜିଭାତ କରିବାକୁ ଜିଲା ଓ ବାହାରୁ ବହୁ ସଂଖ୍ୟାରେ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭିଡ଼କୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପରିବେଶ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ମାଇକ ଓ ବ୍ୟାନର ଜରିଆରେ ପ୍ଲାଷ୍ଟିକ୍ ଛାଡ଼ି ପତ୍ରଖଲିର ବ୍ୟବହାର ଉପରେ ଲୋକଙ୍କୁ ସଚେତନ କରାଯାଇଛି। ଖଣ୍ଡାଧାର, ସିଦ୍ଧମଠ, ଚକ୍ରତୀର୍ଥ, ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର, ଗୋନାସିକା, ଭାଲୁଘର, ମୁର୍ଗା, ଭୀମକୁଣ୍ଡ, ଗୁଣ୍ଡିଚାଘାଗୀ, ହାଣ୍ଡିଭଙ୍ଗା ଆଦି ପ୍ରାକୃତିକ ପାହାଡ଼ ଓ ଜଙ୍ଗଲଘେରା ଜଳପ୍ରପାତ ଗୁଡ଼ିକରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମିଛି।



ବଡଘାଘରାଠାରେ ପର୍ଯ୍ୟଟକଙ୍କ ଭିଡ଼।।

ପର୍ଯ୍ୟଟକମାନେ ଜଳପ୍ରପାତ ବୁଲିଦେଖିବା ସହ ସାନଘାଗରାରେ ବୋଟିଂର ମଜା ଉଠାଇଛନ୍ତି। ପର୍ଯ୍ୟଟନ କେନ୍ଦ୍ରରେ ପର୍ଯ୍ୟଟକମାନେ ଗୀତନାଚ କରି ଦିନ କଟାଇ ସୁରକ୍ଷିତ ଭାବେ ଫେରିଛନ୍ତି। ସେହିପରି କାନଝରୀ, ହଦଗଡ଼, ରେମାଳ ଆଦି ଡ୍ୟାମରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ଡ୍ୟାମର ନିଆରା ପରିବେଶକୁ ବୁଲି ଦେଖିବା ସହ ଭୋଜିଭାତ ଆୟୋଜନ କରି ଖୁସି ମନାଇଥିଲେ। ମାନ୍ୟତା ପାଇ ନ ଥିବା କେନ୍ଦ୍ରଗୁଡ଼ିକରେ ମଧ୍ୟ ପର୍ଯ୍ୟଟକମାନେ ଆସି ବୁଲିବା ସହ ଭୋଜିଭାତ କରିଛନ୍ତି। ଘଟଗାଁସ୍ଥିତ ମା' ତାରିଣୀଙ୍କପୀଠରେ ମଧ୍ୟ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବାକୁ ସକାଳୁ ଭକ୍ତମାନଙ୍କ ଭିଡ଼ ହୋଇଥିଲା। ନୂଆବର୍ଷକୁ ଆଖି ଆଗରେ ରଖି ସମସ୍ତ କେନ୍ଦ୍ରରେ ସ୍ଥାନୀୟ ପ୍ରଶାସନ ସହାୟତାରେ ଶାନ୍ତିଶୃଙ୍ଖଳା, ସୁରକ୍ଷିତ ଦର୍ଶନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଚଳିତ ବର୍ଷର ଅନେକ ପର୍ଯ୍ୟଟନ କେନ୍ଦ୍ର ବିଶେଷ କରି ଜଳପ୍ରପାତ ଗୁଡ଼ିକର ପାରିପାର୍ଶ୍ୱିକ ନବୀକରଣ ଓ ସୌନ୍ଦର୍ଯ୍ୟକରଣ କରିବା ସହ ପର୍ଯ୍ୟଟକଙ୍କ ପାଇଁ ସୁବିଧା କରାଯାଇଥିବାରୁ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଛି। ସେହିପରି ବଡ଼ଦିନ ଉପଲକ୍ଷେ କେନ୍ଦୁଝର ସହର ସମେତ ଜିଲାର ବିଭିନ୍ନ ଚର୍ଚ୍ଚ ଗୁଡ଼ିକ ସୁସଜ୍ଜିତ କରାଯାଇଛି। ପ୍ରାର୍ଥନା ସଭା ଓ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କେନ୍ଦୁଝର ସହରଠାରେ ଥିବା ୟୁନିୟନ୍ ବାପିଷ୍ଟ ଚର୍ଚ୍ଚ ଓ ମାଇନିଂ ରୋଡ଼ଠାରେ ଥିବା କ୍ୟାଥୋଲିକ୍ ଚର୍ଚ୍ଚରେ ବଡ଼ଦିନ ପାଳିତ ହୋଇଯାଇଛି।

## ସୀମାନ୍ତ ମହୋତ୍ସବର ୩ୟ ସନ୍ଧ୍ୟା



ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ଜଳେଶ୍ୱର,୨୫।୧୨(ରବିନାରାୟଣ ପାତ୍ର)

ଜଳେଶ୍ୱରଠାରେ ଚାଲିଥିବା ସୀମାନ୍ତ ମହୋତ୍ସବର ୩ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସମ୍ମିଳନୀର ଜଳେଶ୍ୱର ଶାଖା ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଉଦ୍ଦାମତା ରହିଛି, ତାର ପରିପ୍ରକାଶ ସାଂଗଠନିକ ମାଧ୍ୟମରେ ହୋଇଥାଏ ବୋଲି କହିଥିଲେ। ପ୍ରତ୍ୟେକ ଓଡ଼ିଆ ତା'ର ଭାଷା, ସାହିତ୍ୟ, କଳା, ସଂସ୍କୃତିକୁ ନେଇ ନିଜର ପରିଚୟ ସୃଷ୍ଟି କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଡ. ଅଦ୍ୱୈତ୍ୟ ପାତ୍ର ଯୋଗ ଦେଇ ସୀମା ସୁରକ୍ଷା ଓ ଭାଷା ସୁରକ୍ଷା ନେଇ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ଖାଉଟିବିଭାଗ ମନ୍ତ୍ରୀ ଶ୍ରୀକାନ୍ତ ମାହାତୋ, ବାଙ୍କୁଡା ବିଶ୍ୱବିଦ୍ୟାଳୟର ଆଇନ୍ ବିଭାଗ ଅଧ୍ୟାପିକା ଅଞ୍ଜନା ମାହାତୋ, ଭୋଗରାଇ କଲେଜର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ଦାସ ପ୍ରମୁଖ ଯୋଗଦେଇ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଭାଇଚାରା ସୃଷ୍ଟିଲାଗି ଏହା ଏକ ପ୍ରୟାସ ବୋଲି କହିଥିଲେ। ସୁଧିର କର ମଞ୍ଚ ଆହ୍ୱାନ କରିଥିବା ବେଳେ ରବିନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସାମାଜିକ କର୍ମୀ ସଂଗ୍ରାମ କେଶରୀ ଜେନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନେ ଝୁମିଥିଲେ।

## ଦଳିତ ଆଦିବାସୀ ସଂଘ ପକ୍ଷରୁ କମ୍ବଳ ବଣ୍ଟନ

ଖୁଣ୍ଟା, ୨୫।୧୨ (ଦେବରଞ୍ଜନ ବେହେରା)- ମୟୂରଭଞ୍ଜ ଜିଲା ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ଖୁଣ୍ଟା ବ୍ଲକ ଅଧୀନ ତଥା ଶିମିଳିପାଳ ପାଦଦେଶରେ ବସବାସ କରୁଥିବା ଆଦିମ ଜନଜାତି ସମ୍ପ୍ରଦାୟର ପରିବାରକୁ କମ୍ବଳ ବଣ୍ଟନ କରାଯାଇଛି। ସଂଘର ସଭାପତି ରାକେଶ ସିଂଙ୍କ ନେତୃତ୍ୱରେ ସାମାଜିକ କର୍ମୀ ସରୋଜ ଖୁଣ୍ଟିଆ, ବେଣୁଧର ମହାନ୍ତିଙ୍କ ସମେତ ସଦସ୍ୟମାନେ ଡେ଼ଙ୍ଗାମ ବଣିଆବସା ଓ ଭୋଲାଗଡ଼ିଆ ପଞ୍ଚାୟତର ନୂଆସାହି ଗ୍ରାମରେ ବସବାସ କରୁଥିବା ଆଦିମ ଜନଜାତିର ଖଡ଼ିଆ ଓ ମାଙ୍କଡ଼ିଆ ପରିବାରଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସମ୍ପୃକ୍ତ ପରିବାରବର୍ଗଙ୍କୁ କମ୍ବଳ ବଣ୍ଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୭୦୦ରୁ ଉର୍ଦ୍ଧ୍ୱ କମ୍ବଳ ବଣ୍ଟନ କରାଯାଇଛି।

## ଭାଜପାରେ ମିଶିଲେ ଅନ୍ୟ ଦଳର ଶତାଧିକ କର୍ମୀ

ବନ୍ତ,୨୫।୧୨(ହରିନାରାୟଣ ମହାନ୍ତି)- ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତର ତରାଗଠାରେ ଅନୁଷ୍ଠିତ ଭାଜପାର ସାଙ୍ଗଠନିକ ବୈଠକରେ ଶତାଧିକ କର୍ମୀ ଅନ୍ୟ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ପ୍ରଶାନ୍ତ ସେଠୀ, ଶରତ ନାୟକ, ମନୋଜ ଜେନା, ଲକ୍ଷ୍ମୀଧର ବାରିକ, ରାଜେଶ୍ୱର ଜେନା, ଅନନ୍ତ ଜେନା, ଚନ୍ଦନ ବେହେରା, ଗୋପାଳ ସ୍ୱାଇଁ, ବସନ୍ତ ସ୍ୱାଇଁ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ପଞ୍ଚାୟତ ସଭାନେତ୍ରୀ ମାନସୀରାଣୀଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବରିଷ୍ଠ ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ ଓ ପଞ୍ଚାନନ ରାଉତ ଯୋଗଦେଇ ଆଗାମୀ ନିର୍ବାଚନ ପରିପେକ୍ଷୀରେ ଦଳୀୟ ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରାଇବା ନେଇ ମାର୍ଗଦର୍ଶନ କରିଥିଲେ।

# ସରିଲା ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳା




ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୨୫।୧୨ (ରବିନାରାୟଣ ଖିଲାର)

ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳା ଆଜିର ଅସ୍ମିତା ସହ ଭଦ୍ରକ ମାଟିର ଲୁକ୍କାୟିତ ପ୍ରତିଭାକୁ ଉଜାଗର କରିଛି ବୋଲି ମଠସାହିସ୍ଥିତ ଗୋପାଳଜୀଉ ମଠପଡ଼ିଆଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କମିଟି ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସାରସ୍ୱତ ସନ୍ଧ୍ୟାକୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଥିଲେ। ଉକ୍ତ ସାରସ୍ୱତ ସନ୍ଧ୍ୟାକୁ ମଠସାହିର ଆରାଧ୍ୟ ଦେବତା ଗୋପାଳଜୀଉଙ୍କ ନାମରେ ନାମିତ କରାଯାଇଥିଲା। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି, ସାହିତ୍ୟିକ ଓ ପ୍ରାଧ୍ୟାପକ ବାସୁଦେବ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ରୋଟାରିଆନ ଡ. ଶିଶିର କୁମାର ମିଶ୍ର, ସାମାଜିକ କର୍ମୀ ତଥା ପ୍ରାକ୍ତନ କାଉନସିଲର ପ୍ରବୀର ଜେନା, ମହୋତ୍ସବର କୋଷାଧ୍ୟକ୍ଷ ଆଶିଷ ଅମିତାଭ ମହାପାତ୍ର, ସାମାଜିକ କର୍ମୀ ଶେଖ୍ ସୟଦ୍, ଗୁଜିଦରଡ଼ା ସରପଞ୍ଚ ଶେଖ୍ ଲୋକା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଇରମର ସ୍ୱାଧୀନତା ସଂଗ୍ରାମୀ କମଳା ପ୍ରସାଦ କରଙ୍କ ସ୍ମୃତିରେ ନାଟ୍ୟଶ୍ରୀ ନିର୍ମଳ ରାଉତ ଓ ଅଧ୍ୟାପକ ନାସିର ବକ୍ସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆବାହକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଓ ସାହିତ୍ୟିକ ବାବୁଲାଲ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଅଧିବେଶନ ପୂର୍ବରୁ କବି ମାନସ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଜିଲାସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କୃଷି ଅଧିକାରୀ ତଥା ଆକାଶବାଣୀ ଗୀତିକାର ଅରୁଣ ପାତ୍ର ମୁଖ୍ୟଅତିଥି, ନାଟ୍ୟଶ୍ରୀ ନିର୍ମଳ ରାଉତ ମୁଖ୍ୟବକ୍ତା ଓ ବିଭୂତି ଭୂଷଣ ସେନାପତି ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପଣ୍ଡିତ ବିର୍କନ ଦାଶ, କବି ବାବୁରାମ ରାଉତ, ସାହିତ୍ୟିକା ସରୋଜିନୀ ଦେବୀ, ସଂଗୀତ ଶିଳ୍ପୀ ଚନ୍ଦ୍ରଶେଖର ଓଝା, ଶିଶୁ କଳାକାର ପ୍ରୀତିଲତା ସାହୁ, ଦେବେଶ ଦିବ୍ୟାଂଶୁ ବଳ ଓ ସୌମ୍ୟରଞ୍ଜନ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଡ୍‌ଭୋକେଟ ନିରାକାର ଜେନା, ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ସୁମିତ୍ରା ପାଣି, କଳ୍ପନା ଜେନା, ତ୍ରିଲୋକ ବିହାରୀ ରାୟ, ଶାନ୍ତନୁ ନାୟକ, ଶଶିକାନ୍ତ ପରିଡ଼ା ପ୍ରମୁଖ ମହୋତ୍ସବକୁ ପରିଚାଳନା କରିଥିଲେ।

## ଚୋରା ସ୍କ୍ରାପ୍ ବୋଝେଇ ଟ୍ରକ୍ ଜବତ, ୩ ଗିରଫ

ଯୋଡ଼ା,୨୫।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଚୋରାରେ ସ୍କ୍ରାପ୍ ବୋଝେଇ ହେଉଥିବା ଏକ ଟ୍ରକ୍‌କୁ ଯୋଡ଼ା ପୋଲିସ ଜବତ କରିଛି। କାରବାରରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଯୋଡ଼ା ସହର ୯ନଂ. ୱାର୍ଡରୁ ଟ୍ରକ (ନଂ. ଓଆର୍ ୦୯ ଜେ ୯୪୦୪) ଯୋଗେ ପ୍ରାୟ ୧୦ ମେଟ୍ରିକ୍ ଟନ୍ ଲୁହା ସ୍କ୍ରାପ୍ ବୋଝେଇ କରି ଝାଡ଼ଖଣ୍ଡ ରାଜ୍ୟକୁ ଚୋରାଚାଲାଣ କରାଯାଉଥିଲା। ଖବର ପାଇ ପୋଲିସ ଗାଡ଼ ଜବତ କରିବା ସହ ଟ୍ରକ ମାଲିକ ତଥା ସ୍କ୍ରାପ୍ ବ୍ୟବସାୟୀ ରାମେଶ୍ୱର ଜୟସାଲ, ଟ୍ରକ ଡ୍ରାଇଭର ବାବଲୁ ହେମ୍ବ୍ରମ, ହେଲପର ଶୁକ୍ରା ନାଏକଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା( ନଂ. ୩୫୫/୨୩) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଯୋଡ଼ା ଆଇଆଇସି ଅବିନାଶ ପରିଡ଼ା ସୂଚନା ଦେଇଛନ୍ତି।

## ଆତଙ୍କ ସୃଷ୍ଟି କରିଥିବା ଷଣ୍ଢ କାବୁ

**ଆକ୍ରମଣରେ ୧୦ ଆହତ**

ଧାମନଗର,୨୫।୧୨ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ପଳିକିରି ଓ ଭଗବାନପୁର ଗ୍ରାମରେ ୨ଦିନ ଧରି ଆତଙ୍କ ସୃଷ୍ଟି କରିଥିବା ଷଣ୍ଢକୁ ସୋମବାର କାବୁ କରାଯାଇଛି। ଷଣ୍ଢ ଆକ୍ରମଣରେ ପ୍ରାୟ ୧୦ଜଣ ଆହତ ହୋଇଛନ୍ତି। ଭୟରେ ଲୋକେ କାମଧନ୍ଦା ପାଇଁ ଘରୁ ବାହାରୁ ନ ଥିଲେ। ଭଗବାନପୁରର ପ୍ରଫୁଲ୍ଲ ବେହେରା ଓ ରମାକାନ୍ତ ଜେନା ଗୁରୁତର ଅବସ୍ଥାରେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ପଳିକିରି ଗ୍ରାମର ଦୀନବନ୍ଧୁ ଦାଶ, ଏକାଦଶୀ ସେଠୀ ଓ ବଳରାମ ମାଝୀ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ସେହିପରି ସୋମବାର ସକାଳେ ପଳିକିରି ଗ୍ରାମର ଜୟନ୍ତ ସୂତାର ଓ ଗଦାଧର ଖୁଣ୍ଟିଆ ଷଣ୍ଢ ଆକ୍ରମଣରେ ଆହତ ହୋଇଛନ୍ତି। ଗଦାଧରଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହାବ୍ୟତୀତ ୫ରୁ ୬ଟି ଗାଈ ଓ ବାଛୁରୀ ଆକ୍ରମଣରେ ଆହତ ହୋଇଛନ୍ତି। ଦୁଇ ଗ୍ରାମର ଯୁବକମାନେ ଏକତ୍ର ହୋଇ ପାଗଳ ଷଣ୍ଢକୁ କାବୁ କରିବାକୁ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଫୋନ୍ ମାଧ୍ୟମରେ ଅବଗତ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପାଇ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ହୃଷୀକେଶ ବେହେରା, ଜିଲା ବନଖଣ୍ଡ ଅଧିକାରୀ ଅଧୀର କୁମାର ବେହେରା, ତହସିଲଦାର ଦୀପକ କୁମାର ଦାଶ ଏବଂ ଧାମନଗର ପୋଲିସ ପ୍ରଶାସନ ପହଞ୍ଚି ୫ ଘଣ୍ଟାର ପରିଶ୍ରମ ପରେ ଭଗବାନପୁର ବଜାର ନିକଟସ୍ଥ ହୋମିଓପାଥି ଚିକିତ୍ସାକେନ୍ଦ୍ର ନିକଟରେ ଷଣ୍ଢକୁ କାବୁ କରିଥିଲେ। ପ୍ରାଣୀ ଚିକିତ୍ସକଙ୍କ କହିବା ଅନୁଯାୟୀ ଷଣ୍ଢକୁ ଜଳାତଙ୍କ ରୋଗ ହୋଇଥିବାରୁ ଏପରି ଆକ୍ରମଣ କରୁଥିଲା। ଧାମନଗର ବନଖଣ୍ଡ ଅଧିକାରୀ ପ୍ରୀତିରାଣୀ ଦାସ, ଭଣ୍ଡାରିପୋଖରୀ ଫରେଷ୍ଟର କୃଷ୍ଣଚନ୍ଦ୍ର ବାସ୍କେ, ବୁଲବୁଲ ମଲ୍ଲିକ, ଧାମନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶଶିଭୂଷଣ ରାଉତଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ବାଲିଆପାଳ,୨୫।୧୨(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ବାଲିଆପାଳ ସୁବର୍ଣ୍ଣରେଖା ହାଇସ୍କୁଲର ୧୯୮୯ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ରବିବାର ଡଗରା ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌କେ ମଇରାଜ ଏହାକୁ ପରିଚାଳନା କରିଥିଲେ। ସତ୍ୟ ରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବଦୁଲ ନୌଶତ ଖାଁ, ସନାତନ ପ୍ରଧାନ, ବିଭୂତି ଖଣ୍ଡା, ମନୋଜ ବାରିକ, ପ୍ରଦୀପ ଗିରି, ସୃଷ୍ଟିଧର ପାତ୍ର, ପ୍ରଦୀପ କୁମାର ଦେ, ବିନୋଦ ପାତ୍ରଙ୍କ ସହିତ ଅନ୍ୟ ବନ୍ଧୁମାନେ ଉପସ୍ଥିତ ଥିଲେ। ସ୍ମୃତି ଅନୁଭୂତିକୁ ନିଜ ମଧ୍ୟରେ ବାଣ୍ଟିଥିଲେ। ଯେ କୌଣସି ବିପଦ ସମୟରେ ବନ୍ଧୁଙ୍କୁ ସାହାଯ୍ୟ କରିବାର ସିଦ୍ଧାନ୍ତ ନେଇଥିଲେ। ଆଗାମୀ ଦିନରେ ସୁବର୍ଣ୍ଣରେଖା ହାଇସ୍କୁଲ ୧୯୮୯ ମସିହା ମ୍ୟାଟ୍ରିକ ବ୍ୟାଚର ସମସ୍ତ ବନ୍ଧୁ ଯେମିତି ଏକତ୍ରିତ ହୋଇପାରିବେ ସେଥିପ୍ରତିସମସ୍ତେ ଯତ୍ନବାନ ହେବେ ବୋଲି କହିଥିଲେ।

# କେନ୍ଦୁଛାଟିଆକୁ ହରାଇ ବିଏନ୍‌ଟି ଚାମ୍ପିୟନ

**୨ ଦିନିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ମୋରଡ଼ା,୨୫।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ୍‌ର କୁଞ୍ଚିଶୋଳଠାରେ ଆଦମୀ ଖେରୱାଲ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ବିଏନ୍‌ଟି ଫୁଟବଲ ଟିମ୍ କେନ୍ଦୁଛାଟିଆ ଟିମ୍‌କୁ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ



ମୋରଡ଼ା ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ପ୍ରଭାସକର ମହାପାତ୍ର, ସମ୍ମାନିତ ଅତିଥିଭାବେ ସଭାକର ମୁଖୀ, ଲିପା ସୋରେନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଯୁବକ ସଂଘର ସଭାପତି ସିନ୍ଦ କିସ୍କୁ, ମୋହାନ ହେମ୍ବ୍ରମ ଏବଂ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

## ମୟୂରଭଞ୍ଜ ଡାକମଣ୍ଡଳର ପ୍ରତିଷ୍ଠା ଦିବସ

ବାରିପଦା,୨୫।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଡାକମଣ୍ଡଳର ୫୨ତମ ପ୍ରତିଷ୍ଠା ଦିବସ ବାରିପଦା ଶହୀଦ ସ୍ମୃତି ଭବନରେ ପାଳିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ, ଡ. ବନଜା ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ଭଗବାନ ସାମଲ, ରବିନାରାୟଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡାକ ବିଭାଗର ବିବିଧ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୟୂରଭଞ୍ଜ ଡାକମଣ୍ଡଳ ଡାକ ଅଧୀକ୍ଷକ ବସନ୍ତ କୁମାର ସିଂହ ବାର୍ଷିକ ବିବରଣୀ ପାଠ କରିବା ସହ ବିଭିନ୍ନ କ୍ଷେତ୍ରରେ ଡାକ ମଣ୍ଡଳ ହାସଲ କରିଥିବା ସଫଳତା ଓ ରାଷ୍ଟ୍ରପତିଙ୍କ ଦ୍ୱାରା ରାଇରଙ୍ଗପୁର ଡାକ ମଣ୍ଡଳ ଉଦ୍‌ଘାଟନ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିବା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍ ଡି ରୁଦ୍ରକୁମାର ସଭା ପରିଚାଳନା କରିଥିବା ବେଳେ ଚନ୍ଦ୍ରଶେଖର ମହାନ୍ତି ଓ କୌଶିକ ଅଧା ପୁରସ୍କାର ବିତରଣ ଏବଂ ବିଶ୍ୱରଞ୍ଜନ କଲିଆ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିରଞ୍ଜନ ସେନାପତି ଧନ୍ୟବାଦ ଦେଇଥିଲେ। ସପନ ପାଣିଗ୍ରାହୀ, ସୁଶାନ୍ତ ବେହେରା, ରବିନାରାୟଣ ମହାନ୍ତ, ମନୋଜ ମହାନ୍ତ, ବିଭୁଦତ୍ତ ସାହୁ, ନୟନ ସାହୁ, ବିଭୁ ବେହେରା, ଅନିଲ ସାହା, ସୁରେଶ ସି, ତୁଳସୀ ସାହୁ, ଅନୁପମା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଫାଟକରେ ତାଲା ପକାଇଲେ ଗ୍ରାମବାସୀ

**ପଣଷଡିହା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

**କର୍ମଚାରୀ ଅନୁପସ୍ଥିତିକୁ ନେଇ ଅସନ୍ତୋଷ**

କଣ୍ଟିପାଳ,୨୫।୧୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପଣଷଡ଼ିହା ପଞ୍ଚାୟତରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ଗ୍ରାମବାସୀମାନେ ତାଲା ପକାଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରୀ ସମୟରେ କର୍ମଚାରୀ ଉପସ୍ଥିତ ରହୁ ନ ଥିବାରୁ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୪ ଘଣ୍ଟିଆ ସେବା ଯୋଗାଇବାକୁ ଦାବି କରିଥିଲେ।

ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ପଣଷଗଡ଼ିଆ ରାସ୍ତାରେ ଏକ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣାରେ ଗୁରୁତରଙ୍କୁ ପଣଷଡ଼ିହା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ କେହି କର୍ମଚାରୀ ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଗୁରୁତରଙ୍କୁ ଆନନ୍ଦପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାକୁ ନେଇ ସୋମବାର ସ୍ଥାନୀୟ ସରପଞ୍ଚ ସୁନାରାମ ପୁର୍ତ୍ତିଙ୍କ ନେତୃତ୍ୱରେ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୪ ଘଣ୍ଟା ଡାକ୍ତର ଓ କର୍ମଚାରୀ ଉପସ୍ଥିତ ରହିବାକୁ ଦାବି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଓ ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଜୟନ୍ତ କୁମାର ଦାସ କହିଛନ୍ତି, ୨୪ ଘଣ୍ଟିଆ ସେବା ନେଇ କୌଣସି ବିଭାଗୀୟ ଚିଠି ହୋଇନାହିଁ।



ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ବିକ୍ଷୋଭ କରୁଥିବା ଗ୍ରାମବାସୀ।

# ୨ ବିଭାଗ ଟଣାଓଟରା, ରାସ୍ତା କାମ ବନ୍ଦ

ନୀଳଗିରି,୨୫।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଜୀବନରେଖା ପାଲଟିଥିବା ଶେରଗଡ଼-ନୀଳଗିରି-ଝରଣଘାଟି (ଏସ୍.ଏନ୍.ଜେ) ୧୯ନଂ. ରାଜ୍ୟ ରାଜପଥ ମରଣଯନ୍ତା ପାଲଟିଛି। ଦୁଇ ବିଭାଗ ମଧ୍ୟରେ ଟଣାଓଟରା ଯୋଗୁ ପ୍ରଶସ୍ତୀକରଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି।

ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀ ଥିବା ସମୟରେ କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଭେଟି ଏହି ରାସ୍ତାର ଉନ୍ନତୀକରଣ ପାଇଁ ଦାବି ଉପସ୍ଥାପନ କରିଥିଲେ। ପରେ ୧୨୫ କୋଟି କେନ୍ଦ୍ରୀୟ ଅନୁଦାନରେ କାମ ଆରମ୍ଭ ହୋଇଥିଲା। ପୂର୍ତ୍ତବିଭାଗ ୨୦୨୨ ମାର୍ଚ୍ଚ ୨୭ ତାରିଖରେ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ୨୦୨୪ ମାର୍ଚ୍ଚ ୨୬ ସୁଦ୍ଧା କାର୍ଯ୍ୟ ସାରିବାର ଅବଧି ରହିଛି। ରାସ୍ତାର ପ୍ରଶସ୍ତୀକରଣ ସହ ମରାମତି ପାଇଁ ଗତ ଜୁଲାଇ ମାସରେ



ନୀଳଗିରି-ଝରଣଘାଟି ୧୯ନଂ. ରାଜ୍ୟ ରାଜପଥ।

ସଡ଼କ ପରିବହନ ରାଷ୍ଟ୍ରମନ୍ତ୍ରୀ ଭିକେ ସିଂ ନୀଳଗିରି ଗସ୍ତରେ ଆସିଥିଲେ। ତାଙ୍କ ଉପସ୍ଥିତିରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରଶସ୍ତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପୂର୍ତ୍ତ ବିଭାଗ ଏହି କାର୍ଯ୍ୟ କରୁଥିବା ବେଳେ ବିଳମ୍ବ ସହ ବହୁ ସ୍ଥାନରେ ଅଧାପନ୍ତରିଆ ହୋଇପଡ଼ିଛି। ତେବେ ଏହି କାମରେ ଅନିୟମିତତା ଅଭିଯୋଗ ଆଣି ପୂର୍ତ୍ତ ବିଭାଗକୁ ଅଟକାଇ ଦେଇଛି ବନ ବିଭାଗ। ସବୁଠୁ ରୋଚକ ଛବି ଦେଖିବାକୁ ମିଳିଛି ସଜନାଗଡ଼ ପରେ ଭାଲୁକାଶୁଣି ରାସ୍ତାରେ। ସଜନାଗଡ଼ ପରେ ଜଙ୍ଗଲ ପାର୍ଶ୍ୱ ରାସ୍ତା ହୋଇଥିବାରୁ ଆଉ ପ୍ରଶସ୍ତୀକରଣ ତ ହୋଇପାରିବନି ଯାହା କେବଳ ମରାମତି ହେବ। ସେଥିରେ ମଧ୍ୟ ବିଳମ୍ବ କରାଯାଉଛି। ରାସ୍ତାର ମଝିରୁ ଗୋଟିଏ ପାର୍ଶ୍ୱ ପିଚୁ କରାଯାଇଥିବା ବେଳେ ଅନ୍ୟପାର୍ଶ୍ୱ ଖାଲ ଖମାରେ ଭର୍ତ୍ତି ହୋଇଛି। ନା କାମ ଆଉ ହେଉଛି ନା କର୍ମଚାରୀଙ୍କ ଦେଖା ମିଳୁଛି। ରାସ୍ତା ଦୁଇଫାଳ ହୋଇ ପଡିରହିଛି। ଗୋଟେପଟ କୁଲଡ଼ିହା ବନ ବିଭାଗ ଅଧୀନରେ ଥିବା ଯୋଗୁ ଅଭିଯୋଗ ବିନା କାମ ହୋଇଯାଇଛି। କିନ୍ତୁ ରାସ୍ତାର ମଝିରୁ ଅନ୍ୟପଟଟି ନୀଳଗିରି ବନ ବିଭାଗ ଅଧୀନରେ ଯାଉଥିବାରୁ ପୂର୍ତ୍ତବିଭାଗ ବିନା ଅନୁମତିରେ କାମ କରୁଥିବା କହି କାମ ଅଟକାଇ ଦେଇଛନ୍ତି ନୀଳଗିରି ରେଞ୍ଜର। ଫଳରେ ଗତ ୧୦ଦିନ ମଧ୍ୟରେ ପ୍ରାୟ ୫ରୁ ୬ଟି ବାଇକ ଦୁର୍ଘଟଣା ଘଟିଲାଣି। ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଘଟଣାକୁ ପ୍ରଶାସନ ହାଲକା ଭାବେ ନେଉଥିବାରୁ ଅଦ୍ୟାବଧି ବିଦ୍ୟୁତ୍ ଖୁଣ୍ଟ ସମ୍ପ୍ରସାରଣ, ଗଛକଟା ଇତ୍ୟାଦି ହୋଇ ପାରି ନାହିଁ।

**ବୃଦ୍ଧା ମା'ଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ନେଇ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ**

ପାଣିକୋଇଲି,(ବିକାଶ ମଲ୍ଲିକ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ନାରଦପୁର ଗ୍ରାମରେ ବିଲରୁ କୋବି ନେଇଯାଇଥିବା ସନ୍ଦେହ କରି ବୃଦ୍ଧା ମା'ଙ୍କୁ ପୁଅ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ମାରିବା ଘଟଣା ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ଅଭିଯୋଗ ହୋଇଛି। ଏଥିରେ କେନ୍ଦୁଝର ଜିଲା ଆରକ୍ଷୀ ଅଧୀକ୍ଷକ ଓ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ପାଣିକୋଇଲିର ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ଏହି ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଜଳିଗଲା ଧାନକଟା ହାର୍ଭେଷ୍ଟର



ବଡ଼ସାହି,୨୫।୧୨(ଦୀପକ ବୁଗୁଡ଼େଇ): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଦେଉଳିଆ ପଞ୍ଚାୟତ ବେଢ଼ାପାଳ ଗ୍ରାମରେ କ୍ଷେତ ଭିତରେ ଧାନ କଟା ହାର୍ଭେଷ୍ଟର ଜଳିଯାଇଛି। ଡ୍ରାଇଭର ଗାଡିଟିକୁ ଷ୍ଟାର୍ଟ କରିବା ସମୟରେ ହଠାତ ଇଞ୍ଜିନ ଭିତରେ ନିଆଁ ଲାଗି ଚାରିଆଡ଼େ ବ୍ୟାପି ଯାଇଥିଲା। ସୌଭାଗ୍ୟ ବଶତଃ ଡ୍ରାଇଭର ଗାଡ଼ି ଉପରୁ ତଳକୁ ଡେଇଁ ଜୀବନ ରକ୍ଷା କରିଥିଲେ। ଅଳ୍ପ ସମୟ ମଧ୍ୟରେ ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଛି। ମେସିନର ମାଲିକ ଖୁଣ୍ଟା ବ୍ଲକ୍ ଅଧୀନ ଡୁକୁରା ଅଞ୍ଚଳର ସୁଧାଂଶୁ ସାହୁ ହୋଇଥିବା ବେଳେ ସ୍ଥାନୀୟ ଏଜେଣ୍ଟ ଏହାକୁ ପରିଚାଳନା କରୁଥିଲେ।

### ଡେଙ୍ଗୁରେ ଛାତ୍ରୀଙ୍କ ମୃତ୍ୟୁ

ରୂପସା,୨୫।୧୨(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ନୀଳମଣି ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଡେଙ୍ଗୁ ଜ୍ୱରରେ ମୃତ୍ୟୁ ହୋଇଛି। ମୃତ ଛାତ୍ରୀ ହେଲେ ବସ୍ତା ଥାନା ରସଲପୁର ପଞ୍ଚାୟତ ମନୁଡ଼ିହା ଗ୍ରାମର ପୀତାମ୍ବର ନାୟକଙ୍କ ଝିଅ କବିତା। ଥଣ୍ଡା ଜ୍ୱର ହେବା ସହିତ ସେ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତି ୩ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ +୩ର ଜଣେ ମେଧାବୀ ଛାତ୍ରୀ ଥିଲେ। ରବିବାର ତାଙ୍କ ମୃତଦେହ ଗାଁକୁ ଅଣାଯାଇଥିଲା।

### ପୁଣି ଘର ଭାଙ୍ଗି ଧାନ, ଚାଉଳ ଖାଇଲେ ହାତୀ

ପାଟଣା,୨୫।୧୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୩ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ରବିବାର ରାତିରେ ହାତୀପଲ ବୈତରଣୀ ନଦୀର ପରମେଶ୍ୱର ଶିବ ମନ୍ଦିର ନିକଟରେ ପାର ହେବା ପରେ ବିଷ୍ଣୁପୁର ଗ୍ରାମର ଅରୁଣ ମିଶ୍ରଙ୍କ କଦଳୀ ବଗିଚା ନଷ୍ଟ କରିଥିଲେ। ପରେ ପୁଟୁଳିଆ ଗ୍ରାମର ଶରତ ମହାନ୍ତଙ୍କ ଘର କାନ୍ଥ ଭାଙ୍ଗିବା ପରେ ସାମ ଖସା ପିଠା ସାହି ଜଙ୍ଗଲ ନିକଟରେ ଘର କରି ରହିଥିବା ମିଥୁନ ମହାନ୍ତଙ୍କ ୩ ବଖରା ଘର ଭାଙ୍ଗି ୭ ବସ୍ତା ଧାନ, ୨ ବସ୍ତା ଚାଉଳ, ଧାନ କଳେଇ ଓ ସିଝା ଧାନ ଖାଇ ନଷ୍ଟ କରିଛନ୍ତି। ହାତୀ ଗ୍ରାମର ଜେଜେମା ନାତି ଶୋଇଥିବା ଘର କାନ୍ଥ ହାତୀ ଭାଙ୍ଗି ଧାନ ଚାଉଳ ଖାଇଥିଲେ। ଉଭୟ ଦୌଡ଼ ବିଲକୁ ଚାଲିଯିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏବେ ହାତୀପଲ ପାଟଣା ସଂରକ୍ଷିତ ଜଙ୍ଗଲର ଗୋବରା ବେଢ଼ା ଗାଁ ନିକଟରେ ଡ଼େରା ପକାଇଛନ୍ତି। ଗାଁ ନିକଟରେ ହାତୀପଲ ବୁଲୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି।

# ୧୨ ବର୍ଷ ପରେ ବି ରାସ୍ତା ନାହିଁ

- ସମସ୍ୟାରେ କାନପୁର ବିସ୍ଥାପିତ କଲୋନିବାସୀ
- ବିଦ୍ୟୁତ୍ ସଂଯୋଗ ହୋଇନି, ଜଳ ନିଅଣ୍ଟ

ଚମ୍ପୁଆ,୨୫।୧୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ରଜିଆ ପଞ୍ଚାୟତର ମହେଶ୍ୱରପୁର ଗ୍ରାମ ନିକଟକୁ ଲାଗି ରହିଥିବା ମହେଶ୍ୱରପୁର ନ୍ୟୁ କଲୋନିବାସୀ ସମସ୍ୟା ଘେରରେ ରହିଛନ୍ତି। କଲୋନିକୁ ସଂଯୋଗୀ ରାସ୍ତା ହୋଇ ନ ଥିବା ବେଳେ ଜଙ୍ଗଲ ରାସ୍ତାରେ ଆଲୋକୀକରଣ ହୋଇ ନ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏଥିସହ ପାନୀୟ ଜଳ ସମସ୍ୟା ରହୁଥିବା ନେଇ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସମାଧାନ ହୋଇପାରି ନ ଥିବା ବାସିନ୍ଦା ଜଣାଇଛନ୍ତି। ପ୍ରକାଶ ଯେ, ୨୦୧୧ରୁ କାନପୁର ବିସ୍ଥାପିତ ୪୫ ପରିବାରର ପ୍ରାୟ ୨୫୦ ପାଖାପାଖି ଜନସଂଖ୍ୟା ଏଠାରେ ବସବାସ କରି ଆସୁଛନ୍ତି। କଲୋନି ମଧ୍ୟରେ ରାସ୍ତା, ଆଲୋକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ପ୍ରତିଶ୍ରୁତି ଅନୁଯାୟୀ ସଂଯୋଗୀ ରାସ୍ତା ଆଜି ପର୍ଯ୍ୟନ୍ତ ହୋଇପାରିଲାନାହିଁ। ଜାତୀୟ ରାଜପଥରୁ କଲୋନି ମଧ୍ୟକୁ ପ୍ରାୟ ଅଧ କି.ମି. ରାସ୍ତା ନ ଥିବା ବେଳେ ଆଲୋକୀକରଣ ମଧ୍ୟ ହୋଇନାହିଁ। ଫଳରେ ଜଙ୍ଗଲ ଦେଇ ଅନ୍ଧାରରେ ଯାତାୟାତ କରୁଛନ୍ତି। ସଞ୍ଜ ହେଲେ ହାତୀ ଓ ବନ୍ୟପ୍ରାଣୀଙ୍କ ଭୟ ରହୁଥିବା କଲୋନିବାସୀ ପ୍ରକାଶ କରିଛନ୍ତି। ଭୟରେ ସହରକୁ ଆସିବାକୁ ହେଲେ କଇଁତା ଗ୍ରାମ ଦେଇ ଆସିବାକୁ ପଡୁଛି। ଏପରିକି ବର୍ଷାଦିନରୁ ଆରମ୍ଭକରି ସାଧାରଣ ଦିନଗୁଡ଼ିକରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଲୋନିବାସୀଙ୍କ ପାଇଁ ୨ ଗୋଟି ନଳକୂପ ରହିଥିଲେ ମଧ୍ୟ ଜଳ ଅଭାବ ଜନିତ ସମସ୍ୟାରୁ ମୁକ୍ତି ପାଇଁ ଅନେକ ନିଜ ସ୍ଥାନରେ ବୋରିଂ ଖୋଳୁଛନ୍ତି। ବର୍ଷାଦିନେ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଉଥିବା ବିସ୍ଥାପିତ ହୋଇଥିବା ଅକ୍ଷୟ ନାଏକ, ଦୁଃଶାସନ ନାଏକ, ଶ୍ରୀପତି ନାଏକ ପ୍ରମୁଖ କହିଛନ୍ତି। ଏ ନେଇ ଚମ୍ପୁଆ ଉପଜିଲାପାଳ ସୁକାନ୍ତ କୁମାର ମାଝିଙ୍କୁ ଅବଗତ କରିବାରୁ କାନପୁର ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଏ ସମସ୍ୟା ପ୍ରତି ଦୃଷ୍ଟି ଦେବା ସହ ସମାଧାନର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।



ବିସ୍ଥାପିତ କଲୋନିକୁ ଜଙ୍ଗଲ ଭିତରେ ଯାଉଥିବା ରାସ୍ତା।

# ଖଇରା ବ୍ଲକରେ ଖୋଲିଲା ୬ ଧାନମଣ୍ଡି



ପଳସା ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖଇରା,୨୫।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଞ୍ଚଳରେ ସୋମବାର ୬ ଧାନମଣ୍ଡି ଖୋଲିଛି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ବିବିସିସି ବ୍ୟାଙ୍କ ସଭାପତି ଗଣେଷ ପ୍ରସାଦ ମହାପାତ୍ରଙ୍କ ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ଅତିଥିମାନେ କୁରୁଣ୍ଟା ସେବା ସମବାୟ ସମିତି ଗସ୍ତକରି ଧାନମଣ୍ଡିର ଶୁଭ ଉଦଘାଟନ କରିଥିବା ବେଳେ ଜିଲାପରିଷଦ ସଭ୍ୟ ମାନସ କୁମାର ଦାସ, ସଭାପତି ମୁକୁନ୍ଦ ନାୟକ ଓ ସମ୍ପାଦକ ଗଜେନ୍ଦ୍ର ଜେନା ଉପସ୍ଥିତ ଥିଲେ। ସେହିଭଳି ଖଇରା ସମବାୟ ସମିତି ସଭାପତି ସୌମ୍ୟ ରଞ୍ଜନ ନାୟକ ଓ ସମ୍ପାଦକ ଶ୍ରୀକାନ୍ତ ପଲେଇ,ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ରଙ୍କ ଉପସ୍ଥିତିରେ ମଣ୍ଡି ଖୋଲା ଯାଇଥିଲା। ପରେ ପଳସା ସମବାୟ ସମିତି ସଭାପତି ହେମନ୍ତ ପୃଷ୍ଟି,ସମ୍ପାଦକ ରାଜେଶ ପାତ୍ରଙ୍କ ସମେତ ଶତାଧିକ ଚାଷୀଙ୍କ ଉପସ୍ଥିତିରେ ପଳସା ଏବଂ ସଭାପତି ସମ୍ପଦ ଘଡେଇ, ସମ୍ପାଦକ ପ୍ରଶାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ଗୋଳିହା ମଣ୍ଡିର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଡୁଙ୍ଗୁରାରେ ସଭାପତି ଶତ୍ରୁଘ୍ନ ମହାନ୍ତି,ସରପଞ୍ଚ ପ୍ରକାଶ କୁମାର ଲେଙ୍କାଙ୍କ ଉପସ୍ଥିତିରେ ମଣ୍ଡିର ପୂଜାର୍ଚ୍ଚନା କରାଯାଇଥିଲା। ଶେଷରେ ଅନ୍ତରା ସେବା ସମବାୟ ସମିତିରେ ସଭାପତି ଅଜୟ ସାମଲ,ସମ୍ପାଦକ ବିକାଶ କୁମାର ନାୟକ,ସରପଞ୍ଚ ରଶ୍ମିତା ଜେନା,ସମିତିସଭ୍ୟା ସବିତାରାଣୀ ପଣ୍ଡା,ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

### ୫ ବଙ୍ଗୀୟ ପର୍ଯ୍ୟଟକ ଗୁରୁତର
### ୨ କାର୍ ମୁହାଁମୁହିଁ

ନୀଳଗିରି,୨୫।୧୨(ପ୍ରଶାନ୍ତ ବିଶ୍ୱାଳ)

ବଡ଼ଦିନ ଉପଲକ୍ଷେ ବୁଲିବାକୁ ଆସିଥିବା ବେଳେ ୨ କାର୍ ମୁହାଁମୁହିଁ ହେବାରୁ ୫ ବଙ୍ଗୀୟ ପର୍ଯ୍ୟଟକ ଗୁରୁତର ହୋଇଛନ୍ତି। ନୀଳଗିରି-ଉଦଳା ୧୯ନଂ. ରାଜ୍ୟ ରାଜପଥ ଗରଡ଼ିହି ଛକ କଳାକାଦ ସ୍କୁଲ ନିକଟରେ ସୋମବାର ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ଏକ କାର୍‌ରେ ବଙ୍ଗୀୟ ପର୍ଯ୍ୟଟକମାନେ ନୀଳଗିରିର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ଦର୍ଶନ ସାରି ମୟୂରଭଞ୍ଜ ଜିଲା ଦେବକୁଣ୍ଡ ବୁଲିବା ପାଇଁ ଯାଉଥିବା ବେଳେ କଳାକାଦ ସ୍କୁଲ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ କାର ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୫ ପର୍ଯ୍ୟଟକ ଗୁରୁତର ହୋଇ ନୀଳଗିରି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଶ୍ୱଶୁର ଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,୨୫।୧୨(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ତଥା ସ୍ଥାନୀୟ ସହରାଞ୍ଚଳ ଲିଂ ରୋଡ୍ ୱାର୍ଡ ନଂ.୬ ବସ୍ତି ଅଞ୍ଚଳରେ ସୋମବାର ଶ୍ୱଶୁର ଘରେ ରହୁଥିବା ଜ୍ୱାଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସ୍ଥାନୀୟ ସହରାଞ୍ଚଳ ୧୦ ନଂ. ୱାର୍ଡ ଅଞ୍ଚଳର ଦୀପକ ରାମ (୪୮)। ସେ ଶ୍ୱଶୁର ଘର ପଛପଟ ବାଡ଼ିରେ ଏକ ଗଛରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୨୩) ରୁଜୁ କରିଛି। ଦୀପକ ପରିବାର ସହ ଗତ କିଛି ବର୍ଷ ହେଲା ଶ୍ୱଶୁର ଘରେ ରହି ବ୍ୟବସାୟ କରୁଥିଲେ। ବ୍ୟବସାୟରେ ବିଭିନ୍ନ ଆର୍ଥିକ ସଙ୍କଟ ଯୋଗୁ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି।

# 'ଅଭିନନ୍ଦିକା' ପୁସ୍ତକ ଉନ୍ମୋଚିତ




ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୨୫।୧୨(ସନାତନ ରାଉତ)

ସରକାରୀ ଚାକିରିରୁ ଅବସର ପରେ ଦେଶର ଉନ୍ନତି ପାଇଁ ସବୁବେଳେ ପ୍ରୟାସ ଜାରି ରହିଛି। ଗରିବ, ଅପରାଧ ମୁକ୍ତ ବିକଶିତ ଭାରତ ଲକ୍ଷ୍ୟ ବୋଲି କହିଛନ୍ତି ପିପୁଲ୍ସ ୱେଲଫେୟାର ସଜେସନ ଫୋରମର ଅଧ୍ୟକ୍ଷ ତଥା ୱାର୍କସ ଡିପାର୍ଟମେଣ୍ଟ ଓଡ଼ିଶାର ଅବସରପ୍ରାପ୍ତ ସେକ୍ରେଟାରୀ ଡ. ନନ୍ଦନନ୍ଦନ ଦାଶ। ଫୋରମର ବାର୍ଷିକ ଉତ୍ସବରେ ଭଦ୍ରକ ରୋଟାରି କ୍ଲବ ଆନୁକୂଲ୍ୟରେ ଚାରିଘରିଆସ୍ଥିତ ରାମକୃଷ୍ଣ ମିଶନ ହଲ୍‌ରେ ସୋମବାର ତାଙ୍କ ରଚିତ 'ଅଭିନନ୍ଦିକା' ପୁସ୍ତକ ଉନ୍ମୋଚିତ ହୋଇଛି। 'ଦେଶର ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଓ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ଡ. ଦାଶ ସଭାପତିତ୍ୱ କରିବା ସହ ପୁସ୍ତକର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି ପୁସ୍ତକରେ ସେ ପଞ୍ଚାୟତିରାଜ ଚିଫ୍ ଇଞ୍ଜିନିୟର ଥିବାବେଳେ ଧରିତ୍ରୀରେ ପ୍ରକାଶିତ ବହୁ ଖବର ସ୍ଥାନିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ୨୦୧୯ରେ ତାଙ୍କ ଉପଦେଷ୍ଟା ସେଲ୍‌ରେ ରଖିଛନ୍ତି। ତାଙ୍କ ପରାମର୍ଶ ମଧ୍ୟ ଗ୍ରହଣ କରିଛନ୍ତି ବୋଲି ସେ କହିଥିଲେ। ପୂର୍ଣ୍ଣିମା ମିତ୍ର ପୁସ୍ତକ ସମୀକ୍ଷା କରିଥିବା ବେଳେ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ ଉନ୍ମୋଚନ କରିଥିଲେ। ୱାର୍ଲ୍ଡ ୱାଚର ଚିଫ୍ ସେକ୍ରେଟାରୀ ପ୍ରଫେସର ଉମାଶଙ୍କର ମିଶ୍ର, ଇଂ. ଜ୍ଞାନେନ୍ଦ୍ର ପ୍ରସାଦ ଦାଶ ଓ ଅନୁପ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଡ. ଦାଶଙ୍କ ଦେଶ ପ୍ରତି ସମର୍ପଣ ଭାବର ପ୍ରଂଶସା କରିଥିଲେ। ବରଦା ପ୍ରସନ୍ନ ଦାଶ ଅତିଥି ପରିଚୟ ଦେଇଥିବା ବେଳେ ଶ୍ରୀନନ୍ଦନ ଦାଶ ମଞ୍ଚ ଆମନ୍ତ୍ରଣ କରିଥିଲେ। ବନ୍ଦିତା ସ୍ୱାଇଁ, ଅମ୍ବିକା ବଲ୍ଲଭ ସ୍ୱାଇଁ, ରୋଟାରି କ୍ଲବ ସଭାପତି ପ୍ରଣବ କୁମାର ସାହୁ, ରଙ୍ଗବଲ୍ଲଭ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍ ଭଙ୍ଗାରୁଜା, ଜଣେ ଗୁରୁତର

## ପିକ୍‌ନିକ୍ ବସ୍ ଓଭରଟେକକୁ ନେଇ ଗଣ୍ଡଗୋଳ

ବାରିପଦା,୨୫।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର ସନ୍ନିକଟ ଲୁଲୁଙ୍ଗକୁ ବଣଭୋଜି କରି ଫେରୁଥିବା ପିକ୍‌ନିକ ବସ ଓଭରଟେକ କରିବାକୁ ନେଇ ତୁମୁଳକାଣ୍ଡ ଘଟିଛି। ସ୍ଥାନୀୟ ଲୋକମାନଙ୍କ ସହ ଗଣ୍ଡଗୋଳରେ ଜଣେ ଗୁରୁତର ସହ ୬ ଜଣ ଆହତ ହୋଇଛନ୍ତି। ଗୁରୁତର ଜଣକ ବାଲେଶ୍ୱର ଜିଲାର ପ୍ରଦୀପ ପ୍ରଧାନ। ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦାସ୍ଥିତ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗଣ୍ଡଗୋଳକୁ ନିୟନ୍ତ୍ରଣ କରି ବସକୁ ଥାନାକୁ ଆଣି ପଚରାଉଚୁରା ଜାରି ରଖିଛି । ସୂଚନା ଅନୁଯାୟୀ, ବାଲେଶ୍ୱରରୁ ଆଜିମାବାଦ ଅଞ୍ଚଳସ୍ଥିତ ଏକ ଶିକ୍ଷାନୁଷ୍ଠାନର ୪୨ଜଣ ଛାତ୍ର ବଣଭୋଜି କରିବା ନିମନ୍ତେ ରବିବାର ଲୁଲୁଙ୍ଗ ଆସିଥିଲେ। ପିକ୍‌ନିକ୍ ସାରି ଫେରୁଥିବା ସମୟରେ ଧନପୁର ଛକ ନିକଟରେ ଅଟୋ ଓ ବାଇକ ବସକୁ ଓଭରଟେକ କରିଥିଲା। ଉକ୍ତ ସମୟରେ ସାଇଡ଼ ମାରିବାକୁ ନେଇ ସ୍ଥାନୀୟ ଲୋକମାନଙ୍କ ସହ ପାଟିତୁଣ୍ଡ ହୋଇଥିଲା। ବସ ଭିତରେ ଜଣେ ସ୍ଥାନୀୟ ଲୋକ ରହିଯାଇଥିବା ବେଳେ ବସଟି ପଳେଇ ଆସିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକମାନେ ବସକୁ ପିଛା କରି ବାରିପଦା ସଦର ଥାନା ଅନ୍ତର୍ଗତ ମଞ୍ଚାବନ୍ଧା ନିକଟରେ ବସକୁ ଅଟକାଇ ମାରଣାସ୍ତ୍ର ଧରି ଗଣ୍ଡଗୋଳ କରିଥିବାର ବସ ଚାଳକ କହିଛନ୍ତି। ବସର କାଚ ଭଙ୍ଗାରୁଜା କରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିବାର ଅଭିଯୋଗ କରିଛନ୍ତି। ଏଥିରେ ଜଣେ ଛାତ୍ର ପ୍ରଦୀପ ଗୁରୁତର ହୋଇଥିବା ବେଳେ ଅନ୍ୟ ୬ଜଣ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଥାଉ କି, ଗତ ବର୍ଷ ମଧ୍ୟ ଲୁଲୁଙ୍ଗକୁ ପିକ୍‌ନିକ୍ କରିବାକୁ ଆସିଥିବା ଗାଡ଼ି ଓଭରଟେକକୁ ନେଇ ଗଣ୍ଡଗୋଳ ସହ ଭଙ୍ଗାରୁଜା ହୋଇଥିଲା।

# ବାପୁଜୀ କ୍ଲବ ଭୁବନେଶ୍ୱର ଚାମ୍ପିୟନ

**ସର୍ବଭାରତୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ**

ସୋର,୨୫।୧୨(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ମହାବୀର ଖେଳ ପଡ଼ିଆରେ ଚାଲିଥିବା ସର୍ବ ଭାରତୀୟ ମହାବୀର କପ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଏମ୍‌ଏମ୍‌ସିସି, ସମ୍ବଲପୁରକୁ ହରାଇ ବାପୁଜୀ କ୍ଲବ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ବାପୁଜୀ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୭ ଓଭରରେ ସମସ୍ତ ୱିକେଟ ହରାଇ ୨୦୯ ରନ ସଂଗ୍ରହ କରିଥିଲା। ଜବାବରେ ଏମଏମସିସି ସମ୍ବଲପୁର ୧୩ ଓଭରରେ ସମସ୍ତ ୱିକେଟ ହରାଇ ୪୭ ରନ କରି ପରାଜିତ ହୋଇଥିଲା। ବାପୁଜୀ କ୍ଲବର ସାୟଦ ଜାକି ୩୫ ବଲରୁ ୫୮ ରନ ଏବଂ ୫ ବଲ ବୋଲିଂ କରି ୩ ଉଇକେଟ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। କ୍ଲବ ସଭାପତି ଅଖିଳରାମ ଜେନାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବୀରେନ୍ଦ୍ର ଜେନା ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଜୟରାମ ଦାସ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ନାୟକ, ଶିବାନୀ ଶଙ୍କର ରାୟ, ଡ. ଲକ୍ଷ୍ମୀ ପ୍ରସାଦ ରାଉତ, ଦେବେନ୍ଦ୍ର ପ୍ରଧାନ, ଗୋଲକ ପାତ୍ର, ନରେନ୍ଦ୍ର ସାମଲ, ଦୀନବନ୍ଧୁ ନାୟକ, ପୁଷ୍ପଲତା ଜେନା, ପୂର୍ବତନ ସରପଞ୍ଚ ଗଜେନ୍ଦ୍ର ପ୍ରସାଦ ନାୟକ, ଅନାଦି ସାମଲ ଯୋଗଦେଇ ଚାମ୍ପିୟନ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ସମ୍ବଲପୁର ଦଳର ଆକ୍ରମ ଖାନ, ଶ୍ରେଷ୍ଠ ବୋଲର ଭାବେ ବାପୁଜୀ କ୍ଲବର ମନୋଜ ବାରିକ, ଶ୍ରେଷ୍ଠ ଫିଲଡର ଭାବେ ବାପୁଜୀ କ୍ଲବର ଶୁଭମ ଶତ୍ରୁଜିତ ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ କ୍ୟାଚ ନେଇଥିବା ସମ୍ବଲପୁର ଦଳରେ ସୌମ୍ୟ ଲେଙ୍କାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟାର ଦେବବ୍ରତ ଦାସ ଏବଂ ପ୍ରାଣନାଥ ଜେନା ପରିଚାଳନା କରିଥିଲେ।

# ସ୍ୱାମ ଶାସନରେ ବିଶ୍ୱଶାନ୍ତି ଗୀତା ଯଜ୍ଞ



ପୂଜକଙ୍କ ଦ୍ୱାରା ଯଜ୍ଞ କରାଯାଉଛି।

ପାଟଣା,୨୫।୧୨(ବୀର କିଶୋର ଦାଶ)

ପବିତ୍ର ଅନଙ୍ଗ ତ୍ରୋୟଦୋଶୀ ଗିତା ଜୟନ୍ତୀ ଅବସରରେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ପୁରାତନ ସ୍ୱାମ ଶାସନର ସୋମେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ରବିବାର ବିଶ୍ୱଶାନ୍ତି ଗୀତା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଗ୍ରାମ ଦେବତୀ ପୂଜନ ପରେ ସୋମେଶ୍ୱର ଶିବ ମନ୍ଦିରରେ ରୁଦ୍ରାଭିଷେକ ହୋଇଥିଲା। ପରେ ମନ୍ଦିର ପ୍ରାଙ୍ଗଣରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ଆନୁଷ୍ଠାନିକ ଭାବେ ନୀତିକାନ୍ତିରେ ଗିତା ଅଙ୍କ ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ପଣ୍ଡିତ ସୁଶାନ୍ତ ଶେଖର ଦାଶ, ଦୈତାରୀ ଶତପଥି, ଶିବପ୍ରସାଦ ଦାଶ, ଲୋକନାଥ ମିଶ୍ର ନୀତିକାନ୍ତିରେ ପୂଜା ଅର୍ଚ୍ଚନା କରିଥିବା ବେଳେ କର୍ତ୍ତା ରବିନାରାୟଣ ଦାଶ ଦେବନୀତି କରିଥିଲେ। ପୂଜକ ବୀର ମୋହନ ଦ୍ୱିବେଦୀ, ରାଜ ବଲ୍ଲଭ ମିଶ୍ର, ତରୁଣ ଦାଶ ପ୍ରମୁଖ ହୋମ ଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ। ଜ୍ଞାନେନ୍ଦ୍ର ମିଶ୍ର, ବଳଭଦ୍ର କର, ସୁମିତ କୁମାର ପତି, ସୌମ୍ୟ ରଞ୍ଜନ ଦାଶ, ଗୌରୀ ରଞ୍ଜନ ମିଶ୍ର, ହିମାଂଶୁ ଶେଖର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆଶ୍ରମ ଅନ୍ତେବାସୀଙ୍କୁ ଫଳ ବାଣ୍ଟିଲେ

ଧାମନଗର,୨୫।୧୨ (ଦେବେନ୍ଦ୍ର ଆନ୍ଦିଆ)

ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ଜୟନ୍ତୀ ଏବଂ ସୁଶାସନ ଦିବସ ପାଳନ ଅବସରରେ ସୋମବାର ଭଦ୍ରକ ଜିଲା ଧାମନଗର ବ୍ଲକର ଖଡ଼ିପଦା ପଞ୍ଚାୟତ କଞ୍ଚିଆପାଳସ୍ଥିତ ମହାପୁରୁଷ ଆଶ୍ରମର ଅନ୍ତେବାସୀମାନଙ୍କୁ ଭାଜପା ମୁକୁନ୍ଦଦେବ ମଣ୍ଡଳ ପକ୍ଷରୁ ଫଳ ଓ ମିଠା ବଣ୍ଟନ କରାଯାଇଛି। ଏଥିସହ ମହାପୁରୁଷ ମଠଠାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ମଣ୍ଡଳ ସଭାପତି ଅରବିନ୍ଦ ପତି, ସୋହଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା ସଭାପତି ପ୍ରମୋଦ କୁମାର ସୂତାର, ପୂର୍ବତନ ସରପଞ୍ଚ ବିଜୟ ଦାସ, ବିଜୟ ଶଙ୍କର ନାୟକ, ସୁବାସ ନନ୍ଦ, ରମେଶ ପତି, ଲକ୍ଷ୍ମୀଧର ପାଣିଗ୍ରାହୀ, ଭଗବାନ ଦାସ, ଗଜେନ୍ଦ୍ର ମାଝୀ, ରଞ୍ଜିତ ମହାନ୍ତି, ରାଜୀବ ମାଝୀ, ଚକ୍ରଧର ସାମଲ, କୁଳମଣି ଶତପଥୀ, ମାନସ ସାହୁ, ମଳୟ ଜେନା, ମହେଶ୍ୱର ପତି, ଆଶ୍ରମ ସଞ୍ଚାଳକ ନକୁଳଦେବ ଶାସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ-୨୦୨୩



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟମାନେ।

ବାଲେଶ୍ୱର,୨୫।୧୨(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ଗାନ୍ଧି ସ୍ମୃତି ଭବନ ପରିସରରେ ସ୍ୱେଚ୍ଛାସେବୀ ସଂଗଠନ ଜ୍ଞାନଶ୍ରୀ ଆନୁକୂଲ୍ୟରେ ଦ୍ୱାଦଶ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବ-୨୦୨୩ ଆୟୋଜିତ ହୋଇଯାଇଛି। ଉତ୍ସବକୁ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଉତ୍ସବ କମିଟିର ସଭାପତି ସୁବାସିନୀ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ ଦାସ ସ୍ୱାଗତ ଭାଷଣ ଓ ସମ୍ପାଦକ ପ୍ରଶାନ୍ତ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦୈତାରୀ ନାଏକ, ବରେଣ୍ୟ ଅତିଥି ଭାବେ ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ମହାନ୍ତି, ଯୁବ ନେତା ଦୀପକ କୁମାର ମଲିକ ଯୋଗ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ଜ୍ଞାନଶ୍ରୀ ମହାସମ୍ମାନ, ବାଲେଶ୍ୱରର କୃଷି ବୈଜ୍ଞାନିକ ଡ. ଅଦ୍ୱୈତ୍ୟ ପାତ୍ର ଏବଂ ମୟୂରଭଞ୍ଜର ସାମାଜିକ କର୍ମୀ ବିରଜା ଦେବୀଙ୍କୁ ଜ୍ଞାନଶ୍ରୀ ମାଟି ଗୌରବ ସମ୍ମାନ, ସାଲେପୁରର କର୍ଣ୍ଣଶିଳ୍ପୀ ଅବିନାଶ ଦାଶଙ୍କୁ ଜ୍ଞାନଶ୍ରୀ ଯୁବଜ୍ୟୋତି ସମ୍ମାନ ଏବଂ ବାଲେଶ୍ୱର ମାଟିର ଶିଶୁ କ୍ରୀଡ଼ାବିତ୍ ଶୁଭଲକ୍ଷ୍ମୀ ସିଂଙ୍କୁ ଜ୍ଞାନଶ୍ରୀ ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଆୟୋଜିତ ଉତ୍ସବରେ କବି ମଧୁସୂଦନ ମିଶ୍ର ମାନପତ୍ର ପାଠ କରିଥିଲେ। ପୂର୍ବାହ୍ନରେ ଜ୍ଞାନଶ୍ରୀ କଳା ସମ୍ଭାବନା-୨୦୨୩କୁ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ଉଦ୍‌ଘାଟନ କରିଥିଲେ। ଏଥିରେ କବି ଅଭୟ ଦାସ, ଉପଦେଷ୍ଟା ଶଶିରଞ୍ଜନ ମଲିକ, ସାହିରୁଲ ହକ, ଭାସ୍କର ଚନ୍ଦ୍ର ପଣ୍ଡା, ଉପ-ସଭାପତି ଜ୍ୟୋସ୍ନା ସେନାପତି, ସହ-ସମ୍ପାଦକ ଅଶୋକ କୁମାର ପରିଡ଼ା ଉପସ୍ଥିତ ଥିଲେ। ସହ ସମ୍ପାଦକ ସନତ ପରିଡ଼ା ମଞ୍ଚ ଆବାହନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନ୍ୟତମ ସହ ସମ୍ପାଦକ ଗୋପବନ୍ଧୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଶାସନ ଦିବସ

ଚାନ୍ଦବାଲି,୨୫।୧୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଭାଜପା ପକ୍ଷରୁ ସୋମବାର ପାର୍ଟି କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ଜୟନ୍ତୀକୁ ସୁଶାସନ ଦିବସ ରୂପେ ପାଳନ କରାଯାଇଛି। ଏହି ଅବସରରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଜିଲା ଉପସଭାପତି କମଳାକାନ୍ତ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଦଳର ଛାମୁଆ ନେତାମାନେ ଯୋଗଦେଇ ବାଜପାୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଦେଶରେ ସ୍ୱର୍ଣ୍ଣଚତୁର୍ଭୁଜ ରାସ୍ତା, ପ୍ରତି ଗ୍ରାମକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଜଳ ଯୋଗାଣ ଆଦି ଯୋଜନା ଅବିସ୍ମରଣୀୟ ବୋଲି ବକ୍ତବ୍ୟ ରଖିଥିଲେ। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣି, ନିର୍ବାଚନମଣ୍ଡଳୀ ସଂଯୋଜକ ମୀନକେତନ ବିଶ୍ୱାଳ, ଦୀପକ ଭଳ, ସନ୍ତୋଷ ବାରିକ, କୃଷ୍ଣଚନ୍ଦ୍ର ନାୟକ, ଫକୀର ସାମଲ, ଦିବେନ୍ଦୁ ମହାପାତ୍ର, ଦୀପ୍ତିମୟୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବଢ଼ୁଛି ଶୀତ, ଖୋଲୁନି ଆଶ୍ରୟସ୍ଥଳ

ଚମ୍ପୁଆ, ୨୫।୧୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆରେ ଦିନକୁ ଦିନ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ପାରଦ ବର୍ତ୍ତମାନ ୧୪ ଡିଗ୍ରୀ ତଳେ ରହୁଥିବା ବେଳେ ଭୋର ସମୟରେ ୧୦ ରୁ ୧୧ ଡିଗ୍ରୀ ରହୁଛି। ହାଡ଼ଭଙ୍ଗା ଶୀତ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିପକାଉଥିଲେ ମଧ୍ୟ ଏନ୍‌ଏସି ପକ୍ଷରୁ ଆଜି ପର୍ଯ୍ୟନ୍ତ ରାତ୍ରିକାଳୀନ ଆଶ୍ରୟସ୍ଥଳ ଖୋଲା ଯାଇ ନ ଥିବା ଦେଖିବାକୁ ମିଳିଛି। ଫଳରେ ଶୀତ ଦାଉରୁ ରକ୍ଷା ପାଇଁ ବୁଲା ଭିକ୍ଷୁକଙ୍କଠାରୁ ଆରମ୍ଭ କରି ରାତି ବସ୍‌ରେ ଯାତାୟାତ କରୁଥିବା ଯାତ୍ରୀ ସମସ୍ୟା ଭୋଗୁଛନ୍ତି। ତୁରନ୍ତ ରାତି ଆଶ୍ରୟସ୍ଥଳ ଖୋଲିବାକୁ ସାଧାରଣରେ ଦାବି ହେଉଛି। ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ କହିଛନ୍ତି, ଏନ୍‌ଏସି ସବୁବେଳେ ସାଧାରଣ ଲୋକଙ୍କ ହିତରେ କାମ କରିଆସୁଛି। ଏଥିପ୍ରତି ପଦକ୍ଷେପ ନିଆଯାଇ ୨ ଦିନ ମଧ୍ୟରେ ରାତ୍ରିକାଳୀନ ଆଶ୍ରୟସ୍ଥଳ ଧରଣୀଧର ନଗରଭବନଠାରେ ଖୋଲାଯାଇ ସେବା ଯୋଗାଇ ଦିଆଯିବ।

